





ଉନ୍ନତ ଧାନ ବିହନ ଉତ୍ପାଦନ

ଆଲେଖ୍ୟ: ଡ. ଜ୍ୟୋତିପ୍ରକାଶ ମିଶ୍ର
ବିଷୟବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ
ଶ୍ରୀ ସିଦ୍ଧାର୍ଥ ସର୍ଦ୍ଦାର

ସଂପାଦନା: ଡ. ସଙ୍ଘମିତ୍ରା ପଟ୍ଟନାୟକ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ସହାୟତା: ଡ. ଜଗନ୍ନାଥ ପାତ୍ର, ଡ. ଗୋବିନ୍ଦ ଚନ୍ଦ୍ର ଧଳ
ଡ. ଝୁନିଲତା ଭୂୟାଁ, ଡ. ପ୍ଲାବିତା ରାୟ
ଶ୍ରୀ ଅଂଶୁମାନ ଦେବାଶିଷ ନାୟକ
ଶ୍ରୀ ଜୀବନ କୁମାର ବିଶ୍ୱାଳ
ଶ୍ରୀମତୀ ସୌଦାମିନି ପ୍ରଧାନ

କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

ଉନ୍ନତ ଧାନ ବିହନ ଉତ୍ପାଦନ

ଆଲେଖ୍ୟ: ଡ. ଜ୍ୟୋତି ପ୍ରକାଶ ମିଶ୍ର
ବିଷୟବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ

ସଂପାଦନା: ଡ. ସଙ୍ଘମିତ୍ରା ପଟ୍ଟନାୟକ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ସହାୟତା: ଡ. ଜଗନ୍ନାଥ ପାତ୍ର,
ଡ. ଗୋବିନ୍ଦ ଚନ୍ଦ୍ର ଧଳ
ଡ. ଝୁନିଲତା ଭୂୟାଁ,
ଡ. ପ୍ଲାବିତା ରାୟ
ଶ୍ରୀ ଅଂଶୁମାନ ଦେବାଶିଷ ନାୟକ
ଶ୍ରୀ ଜୀବନ କୁମାର ବିଶ୍ୱାଳ
ଶ୍ରୀ ସିଦ୍ଧାର୍ଥ ସର୍ଦ୍ଦାର
ଶ୍ରୀମତୀ ସୌଦାମିନି ପ୍ରଧାନ

ପ୍ରକାଶକ :
କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧

ମୁଦ୍ରଣ :
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

By
Dr. Jyotiprakash Mishra
SMS (Agro Meteorology)

Editor :
Dr. Sanghamitra Pattnaik
Sr. Scientist and Head

Assisted by :
Dr. Jagannath Patra
Dr. Govind Chandra Dhal
Dr. Jhunilata Bhuyan
Dr. Plabita Ray
Sri Ansuman Debasish Nayak
Sri Jeeban Kumar Biswal
Sri Siddhartha Sardar
Smt. Soudamini Pradhan

Published by :
Krishi Vigyan Kendra, Mayurbhanj-I
kvkMayurbhanj1@ouat.ac.in

Printed at :
Ankita Graphics, Bhubaneswar.
saroj77337@gmail.com
Ph : 9437077337

ବିଷୟ ସୂଚୀ

କ୍ର.ସଂ.	ବିଷୟ		ପୃଷ୍ଠା
୧	ବିହନ କହିଲେ କଣ ବୁଝାଯାଏ		୧
୨	ବିହନ ଉତ୍ପାଦନ ପଦ୍ଧତି		୨
	୨.୧	କିସମ ଚୟନ	୨
	୨.୨	ତଳିପଟାଳି ପରିଚାଳନା	୩
	୨.୩	ଜମି ଚୟନ ଓ ଜମି ପ୍ରସ୍ତୁତି (ମୁଖ୍ୟ ଜମି)	୪
	୨.୪	ରୋଇବା	୫
	୨.୫	ଖାଦ୍ୟସାର ପରିଚାଳନା	୬
	୨.୬	ଅନାବନା ଘାସ ପରିଚାଳନା	୭
	୨.୭	ଜଳ ପରିଚାଳନା	୮
	୨.୮	ରୋଗ ପୋକ ପରିଚାଳନା	୯
	୨.୯	ଅନ୍ୟ କିସମ ଓ ବାଲୁଙ୍ଗା ଦମନ	୧୯
	୨.୧୦	ଧାନ କାଟିବା	୧୯
	୨.୧୧	ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ	୨୦
୩	ବିହନ ଉତ୍ପାଦନର ବିଭିନ୍ନ ସୋପାନ		୨୨
୪	ଓଡ଼ିଶାରେ ଧାନ ବିହନ ପ୍ରମାଣନ ପ୍ରକ୍ରିୟା		୨୩
୫	ପ୍ରମାଣନ ମାନ		୨୫
୬	ଧାନ ଫସଲରେ ସମନ୍ୱିତ ରୋଗ ପୋକ ପରିଚାଳନା		୨୬

ଉନ୍ନତ ମାନର ଧାନ ବିହନ ଉତ୍ପାଦନ ସମ୍ବନ୍ଧୀୟ କ୍ଷୁଦ୍ର ପୁସ୍ତିକା

୧) ବିହନ କହିଲେ କଣ ବୁଝାଯାଏ ?

ବିହନ କହିଲେ ବୁଣିବା ପାଇଁ ବ୍ୟବହାର କରାଯାଉଥିବା ଜୀବନ୍ତ ଶସ୍ୟକୁ ବୁଝାଏ। ପ୍ରତ୍ୟେକ ବିହନ ଏକ ଶସ୍ୟ ଅଟେ, କିନ୍ତୁ ପ୍ରତ୍ୟେକ ଶସ୍ୟ ଏକ ବିହନ ନୁହେଁ।

ଉନ୍ନତ ମାନର ବିହନ କାହାକୁ କହନ୍ତି ?



ନିରୋଳା ଓ ପରିଷ୍କାର ବିହନ

ଉନ୍ନତ ମାନର ବିହନ ନିରୋଳା ଓ ପରିଷ୍କାର ହେବା ସହିତ ଏହାର ଗଜା ହେବା କ୍ଷମତା ରହିଥାଏ। ନିରୋଳା ବିହନରେ ଅନ୍ୟ କିସମ ମଞ୍ଜିର ମିଶ୍ରଣ ହୋଇ ନଥାଏ। ସେହିପରି ପରିଷ୍କାର ବିହନରେ ଘାସ ମଞ୍ଜି, ଧୂଳି, ଗୋଡ଼ି ଏବଂ ରୋଗାକ୍ରାନ୍ତ, ନଷ୍ଟ ହୋଇଥିବା କିମ୍ବା ବିରୂପ ହୋଇଥିବା ମଞ୍ଜି ମିଶି ନଥାଏ। ଅଙ୍କୁରୋଦ୍ଗମକ୍ଷମ ବିହନ ହୃଷ୍ଟପୃଷ୍ଟ ହେବା ସହିତ ଏଥିରେ ଉପଯୁକ୍ତ ପରିମାଣରେ ଜଳୀୟାଂଶ ଥାଏ ଓ ଏହାର ଉତ୍ତମ ଗଜା ହେବା କ୍ଷମତା ରହିଥାଏ।

ଉନ୍ନତ ମାନର ବିହନର ବୈଶିଷ୍ଟ୍ୟ

- ଆନୁବଂଶିକୀ ଦୃଷ୍ଟିରୁ ନିରୋଳା ହୋଇଥିବ
- ଭୌତିକ ଦୃଷ୍ଟିରୁ ପରିଷ୍କାର ହୋଇଥିବ
- ଏଥିରେ ଅନ୍ୟ ଫସଲର ମଞ୍ଜି ମିଶି ନଥିବ
- ଏଥିରେ ଘାସ ମଞ୍ଜି ମିଶି ନଥିବ
- ରୋଗାକ୍ରାନ୍ତ ହୋଇ ନଥିବ
- ହୃଷ୍ଟପୁଷ୍ଟ ହେବା ସହିତ ଉତ୍ତମ ଗଜା ହେବା କ୍ଷମତା ରହିଥିବ
- ଏଥିରେ ଉପଯୁକ୍ତ ପରିମାଣର (୧୩%) ଜଳୀୟାଂଶ ରହିଥିବ

ଉନ୍ନତ ମାନର ବିହନର ଗୁରୁତ୍ୱ


- ଉନ୍ନତ ମାନର ବିହନରୁ ଅଧିକ ପରିମାଣରେ ଗଜା ହେବା ସହିତ ଏଥିରୁ ସୃଷ୍ଟି ହୋଇଥିବା ଚାରା ଗଛଗୁଡ଼ିକ ସୁସ୍ଥସବଳ ହୋଇଥାଏ
- ଫସଲରେ କମ୍ ଘାସ ହୁଏ ଓ ଘାସମରା ଔଷଧର ବ୍ୟବହାର କମିଥାଏ
- ସବୁଆଡ଼େ ସମାନ ଭାବେ ହୃଷ୍ଟପୁଷ୍ଟ ଗଛ ହେବା ସହିତ ଗଛର ରୋଗପୋକ ସହନଶୀଳ କ୍ଷମତା ରହିଥାଏ
- ଏକ ସମୟରେ ଫସଲ ପାକଳ ହୁଏ
- ଅନ୍ୟ କିସମର ଗଛ କମ୍ ଥାଏ ବା ଆଦୌ ନଥାଏ
- ଅଧିକ ଅମଳ ଓ ଉତ୍ତମ ବଜାର ଚାହିଦା ରହିଥାଏ

କାହିଁକି ଉନ୍ନତ ମାନର ବିହନ ଉତ୍ପାଦନ କରାଯିବ ?

ଧାନ ଚାଷରେ ସଫଳତା ପାଇବାର ମୂଳଭିତ୍ତି ହେଉଛି ଉନ୍ନତ ମାନର ବିହନ ବ୍ୟବହାର। ଉନ୍ନତ ବିହନ ବ୍ୟବହାର ଦ୍ୱାରା ଧାନ ଅମଳ ୫-୨୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରିବ। ଅଧିକ ଅମଳ ପାଇବା ପାଇଁ ଅନୁକୂଳ ପରିବେଶରେ ଧାନ ବିହନ ଉତ୍ପାଦନ କରାଯିବା ଆବଶ୍ୟକ। ଏଠାରେ ଜଳସେଚନର ସୁବିଧା ରହିବା ସହିତ ଯଥେଷ୍ଟ ପରିମାଣରେ ସୁକ୍ଷମ ସାର ଉପଲବ୍ଧ ହେଉଥିବ ଏବଂ ସମନ୍ୱିତ ପଦ୍ଧତିରେ ଖାଦ୍ୟସାର ଓ ରୋଗପୋକ ପରିଚାଳନା କରାଯାଇ ପାରୁଥିବ।

୨) ବିହନ ଉତ୍ପାଦନ ପଦ୍ଧତି

୨.୧ କିସମ ଚୟନ



ଏକ ବିବିଧ ଧାନ ପ୍ରଦର୍ଶନୀ କ୍ଷେତ୍ର

- ଆପଣଙ୍କ ଜମିକୁ ସୁହାଇବା ପରି କିସମ ଚୟନ କରନ୍ତୁ
- ଏହାର ଅଧିକ ଅମଳ କ୍ଷମତା ଥିବା ସହିତ ସଂକଟ ଅବସ୍ଥା (ଜୈବ ଓ ଅଜୈବ) ସହନଶୀଳ କ୍ଷମତା ରହିଥିବା ଦରକାର ଏବଂ ଅନେକ ବର୍ଷ ଧରି ଏହାର ଗୁଣ ପରିବର୍ତ୍ତନ ହେଉ ନଥିବା ଆବଶ୍ୟକ
- ଚାଷ କରାଯିବା ଋତୁ ଅନୁସାରେ ଏହା ଉପଯୁକ୍ତ ଅବଧିର ହୋଇଥିବ
- ଏହାର ଶସ୍ୟ ଉନ୍ନତ ମାନର ହେବା ସହିତ ଏହାର ଉତ୍ତମ ବଜାର ଚାହିଦା ରହିଥିବ
- ଓଡ଼ିଶାରେ ଚାଷ ହେଉଥିବା କେତେକ ଲୋକପ୍ରିୟ ଧାନ କିସମ ଏବଂ ସେସବୁର ଗୁଣାବଳୀ ବିଷୟରେ ଜାଣିବା ପାଇଁ www.rkbodisha.in ଦେଖନ୍ତୁ

୨.୨ ତଳି ପଟାଳି ପରିଚାଳନା

ବିହନ ଉତ୍ପାଦନ ନିମନ୍ତେ ତଳି ପ୍ରସ୍ତୁତିର ପ୍ରଥମ ଆବଶ୍ୟକତା ହେଉଛି ଉପଯୁକ୍ତ ଜମି ଚୟନ। ଏକ ହେକ୍ଟର ଜମିରେ ରୋଇବା ପାଇଁ ୦.୦୫ ରୁ ୦.୧ ହେକ୍ଟର (ମୋଟ୍ ରୋଇବାକୁ ଥିବା ଜମିର ୫ ରୁ ୧୦%) ଜମିରେ ତଳି ପକାଇବା ଆବଶ୍ୟକ। ଜଳସେଚନ ସୁବିଧା ଥିବା ସ୍ଥାନ ନିକଟରେ ତଳି ପଟାଳିକୁ ଉଚ୍ଚ କରି ପ୍ରସ୍ତୁତ କରାଯିବା ଆବଶ୍ୟକ। ଯନ୍ତ୍ର ସାହାଯ୍ୟରେ ରୋଇବାକୁ ହେଲେ ପରିବର୍ତ୍ତିତ ମସିଣା ନର୍ସରୀ ପ୍ରସ୍ତୁତ କରିବା ଦରକାର। ଛାଇ ଜାଗା କିମ୍ବା ବନ୍ୟା ପାଣି ଜମିବା ଆଶଙ୍କା ଥିବା ସ୍ଥାନରେ ତଳି ପକାନ୍ତୁ ନାହିଁ।

- ତଳି ପଟାଳିର ଉଚ୍ଚତା: ୫-୧୦ ସେ.ମି., ଓସାର: ୧-୧.୫ ମିଟର, ଲମ୍ବ: ସୁବିଧା ଅନୁସାରେ ହେବା ଦରକାର
- ପାଖାପାଖି ଦୁଇଟି ପଟାଳି ମଧ୍ୟରେ ୩୦-୫୦ ସେ.ମି. ଓସାରର ଫାଙ୍କା ସ୍ଥାନ ରଖନ୍ତୁ
- ଜମି ପ୍ରସ୍ତୁତି : ଜମିକୁ ଭଲ ଭାବେ ହଳ କରି, କାଦୁଅ କରି ମାଟିକୁ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ସଡ଼ା ଗୋବର ଖତ ବା କମ୍ପୋଷ୍ଟ (୦.୧ ହେକ୍ଟର ତଳି ପାଇଁ ୧ କ୍ୱିଣ୍ଟାଲ) ପ୍ରୟୋଗ କରନ୍ତୁ
- ବିହନ ବିଶୋଧନ: ବିହନକୁ ୨୪ ଘଣ୍ଟା ପାଣିରେ ଭିଜାନ୍ତୁ। ଏହାପରେ ପ୍ରତି କିଲୋଗ୍ରାମ୍ ବିହନ ସହିତ ୧ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ (ମହିଷା ରୋଗ ସମସ୍ୟା ଥିବା ଅଞ୍ଚଳରେ), ୦.୨୫ ଗ୍ରାମ୍ ଆଗ୍ରିମାଇସିନ୍ (ବୀଜାଣୁଜନିତ ପତ୍ରପୋଡ଼ା ରୋଗ ଦେଖାଯାଉଥିବା ଅଞ୍ଚଳରେ) ମିଶାଇ ବିଶୋଧନ କରନ୍ତୁ। ବିହନବାହିତ ରୋଗ ଦମନ ସହିତ ଉଭିଦର ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ନିମନ୍ତେ ଟ୍ରାଇକୋଡର୍ମା (ପ୍ରତି କି.ଗ୍ରା. ବିହନ ସହିତ ୧୦ ଗ୍ରାମ୍) ଦ୍ୱାରା ବିହନ ବିଶୋଧନ କରାଯାଇପାରେ



ମସିଣା ତଳିପଟାଳିରେ ବିହନ ବୁଣାଯାଇଛି



ତଳିପଟାଳି ମଧ୍ୟରେ ସଠିକ ଫାଙ୍କା ସ୍ଥାନ ରଖାଯାଇଛି



ରୋଇବା ଉପଯୋଗୀ ତଳି



ହାତରେ ତଳି ଓପଡ଼ା ଯାଉଛି

- ବିହନ ପରିମାଣ: ବର୍ଗ ମିଟର ପ୍ରତି ୪୦-୬୦ ଗ୍ରାମ୍। ପୂର୍ବରୁ ଗଜା କରାଯାଇଥିବା ବିହନକୁ ସମାନ ଭାବେ ବୁଣି ଏହା ଉପରେ ନଡ଼ା ଘୋଡ଼ାଇ ଦିଅନ୍ତୁ
- ସାର ପ୍ରୟୋଗ: ବିହନ ବୁଣିବା ପୂର୍ବରୁ ପ୍ରତି ୦.୧ ହେକ୍ଟର ତଳି ପଟାଳିରେ ୫-୧୦ କି.ଗ୍ରା. ଯବକ୍ଷାରଜାନ, ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ସାର ପକାଇ ମାଟି ସହିତ ମିଶାଇ ଦିଅନ୍ତୁ
- ରୋଇବା ପାଇଁ ତଳିର ବୟସ: କିସମ ଅବଧି ଅନୁସାରେ ୧୨-୨୫ ଦିନର ତଳି ରୁଆଯାଇପାରେ

୨.୩ ଜମି ଚୟନ ଓ ଜମି ପ୍ରସ୍ତୁତି (ମୁଖ୍ୟ ଜମି)

ଜମି ଚୟନ :

- ଉର୍ବର ଓ ହାଲୁକା ହେବା ସହିତ ଏହା ଘାସମୁକ୍ତ ହୋଇଥିବା ଦରକାର
- ଜଳ ସେଚନ ଓ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିଥିବା ଦରକାର
- ଏହି ସ୍ଥାନରେ ଛାଇ ହେଉନଥିବ
- ଜମିର ପ୍ରକାର ସବୁଆଡ଼େ ସମାନ ହୋଇଥିବ ଓ ବନ୍ୟା ହେବାର ଆଶଙ୍କା ନଥିବ

ଜମି ପ୍ରସ୍ତୁତି :

- ମାଟିକୁ ଭଲ ଭାବେ ଗୁଣ୍ଡ କରିବା ପାଇଁ ଜମିକୁ ଦୁଇଥର ହଳ କରନ୍ତୁ
- କାଦୁଅ କରିବାର ୨ ଦିନ ପୂର୍ବରୁ ଜମିରେ ପାଣି ମଡ଼ାନ୍ତୁ (୩-୫ ସେ.ମି. ଠିଆପାଣି)
- ଜମି ପ୍ରସ୍ତୁତି ବେଳେ ହେକ୍ଟର ପ୍ରତି ୫ ଟନ୍ ସଡ଼ା ଖତ (ଗୋବର ଖତ କମ୍ପୋଷ୍ଟ) ପ୍ରୟୋଗ କରନ୍ତୁ। ସବୁଜ ସାର ଫସଲ ଭାବେ ଧଣିଚା ଚାଷ କରି ଏହାକୁ ହଳ କରି ମାଟି ସହିତ ମିଶାଇ ଦିଆଯାଇପାରେ
- କାଦୁଅ କରି ମୂଳସାରକୁ ମାଟିରେ ମିଶାଇ ଦିଅନ୍ତୁ ଓ ଜମିକୁ ଭଲ ଭାବେ ସମତୁଲ କରନ୍ତୁ



ଗୋବର ଖତ



ଟ୍ରାକ୍ଟର ଦ୍ୱାରା କାଦୁଅ କରାଯାଉଛି



ଟ୍ରାକ୍ଟର ଦ୍ୱାରା ଜମି ସମତୁଲ କରାଯାଉଛି

୨.୪ ରୋଇବା

ତଳିର ବୟସ : କିସମର ଅବଧି ଅନୁସାରେ ୧୨-୨୫ ଦିନର ତଳି ରୁଆଯାଇପାରେ। ଅଧିକ ବୟସର ତଳି ରୋଇଲେ କମ୍ ସଂଖ୍ୟାରେ ପିଲା ହୁଏ ଓ ଗଛରେ ଶୀଘ୍ର ଫୁଲ ଆସିଥାଏ। ହାତରେ ବା ଯନ୍ତ୍ର ସାହାଯ୍ୟରେ ଧାନ ରୁଆଯାଇଥାଏ।



ମେସିନ୍ ରୁଆ



ପାରମ୍ପରିକ ହାତ ରୁଆ



ଧାଡ଼ି ରୁଆ



ଧାଡ଼ି ମଧ୍ୟରେ ସଠିକ୍ ଦୂରତା

ରୋଇବା ବ୍ୟବଧାନ :



ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନ

ଉତ୍ତମ ପରିଚାଳନା ନିମନ୍ତେ ଧାଡ଼ିକୁ ଧାଡ଼ି ୨୦ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ତଳି ରୋଇବା ଦରକାର। ଧାଡ଼ିକୁ ଧାଡ଼ି ବ୍ୟବଧାନ ୨୦ ସେ.ମି. ରଖାଗଲେ ୱିଡର ଚଳାଇବା ସୁବିଧାଜନକ ହୋଇଥାଏ। ବୁଦା ପ୍ରତି ୨-୩ ଟି ଲେଖାଏଁ ତଳିକୁ ୩ ସେ.ମି. ଗଭୀରତାରେ ସିଧା ରୁଆଯିବା ଦରକାର।

୨.୫ ଖାଦ୍ୟସାର ପରିଚାଳନା



ଜଣେ ଚାଷୀ ସାର ବୁଣୁଛନ୍ତି

ବିହନ ପାଇଁ ଚାଷ କରୁଥିଲେ ସୁଷମ ସାର ପ୍ରୟୋଗ କରିବା ନିହାତି ଆବଶ୍ୟକ। ହେକ୍ଟର ପିଛା ୬୦-୮୦ କି.ଗ୍ରା. ଯବକ୍ଷାରଜାନକୁ ତିନି ଦଫାରେ ପ୍ରୟୋଗ କରିବା ଉଚିତ୍। ଶେଷ ଥର କାଦୁଅ କରିବାବେଳେ ମୂଳସାର ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାରକୁ ଜମିରେ ପକାଇ ମାଟି ସହିତ ମିଶାଇ ଦିଅନ୍ତୁ। ପିଲ ହେବା ଅବସ୍ଥା ଓ ଥୋଡ଼ ଅବସ୍ଥାରେ ଦୁଇ ଦଫା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାର ପ୍ରୟୋଗର ୨୪-୨୮ ଘଣ୍ଟା ପୂର୍ବରୁ ଜଳ ନିଷ୍କାସନ କରନ୍ତୁ ଓ ସାର ପ୍ରୟୋଗର ୨୪ ଘଣ୍ଟା ପରେ ପୁଣି ଥରେ ଜମିରେ ପାଣି ମଡ଼ାନ୍ତୁ।

ମଧ୍ୟମ ଓ ବିଳମ୍ବ କିସମ ପାଇଁ			
ପ୍ରୟୋଗ	**ଯବକ୍ଷାରଜାନ**	**ଫସ୍‌ଫରସ୍**	**ପଟାସ୍**
	ହେକ୍ଟର ପ୍ରତି କି.ଗ୍ରା.		
ମୂଳ ସାର	୨୦	୪୦	୨୦
ପିଲ ହେବାବେଳେ	୪୦	-	-
ଥୋଡ଼ ଆସିବାବେଳେ	୨୦	-	୨୦
ମୋଟ୍	୮୦	୪୦	୪୦

ସୂଚନା: ଅମ୍ଳୀୟ ମାଟି (୫ରୁ କମ୍ ପି.ଏଚ୍.) ପାଇଁ ପ୍ରତି ତିନି ବର୍ଷରେ ଥରେ ଚୂନ (ହେକ୍ଟର ପ୍ରତି ୨ଟନ୍) ପ୍ରୟୋଗ କରନ୍ତୁ। ମାଟିର ଗୁଣ ବିଷୟରେ ଜାଣିବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ସଅଳ କିସମ ପାଇଁ ହେକ୍ଟର ପ୍ରତି ୬୦କି.ଗ୍ରା. ଯବକ୍ଷାରଜାନ, ୩୦କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

ଫସଲର ଅବଧି ଅନୁସାରେ ସାର ପରିମାଣରେ ପ୍ରଭେଦ ଦେଖାଯାଇଥାଏ। ହୃଷ୍ଟପୁଷ୍ଟ ବିହନ ଉତ୍ପାଦନ ପାଇଁ ଫସଲ ଉପରେ ସାର ସିଞ୍ଚନ କରିବା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶତକଡ଼ା ୨ ଭାଗ ମଧ୍ୟରେ ଡି.ଏ.ପି. ସିଞ୍ଚନ କରିବା ଦ୍ୱାରା ବିହନ ଅମଳ ବୃଦ୍ଧି ପାଇବା ସହିତ ଉନ୍ନତ ମାନର ବିହନ ମିଳିଥାଏ। କିସମର ଅବଧି ଅନୁସାରେ ଡି.ଏ.ପି. ସିଞ୍ଚନ କରିବାର ସମୟ ଭିନ୍ନ ଭିନ୍ନ ହୋଇଥାଏ।

କିସମର ଅବଧି	ବୁଣିବା ଠାରୁ କେତେ ଦିନ ପରେ ଡି.ଏ.ପି. ସିଞ୍ଚନ କରାଯିବ	
	ପ୍ରଥମ ସିଞ୍ଚନ	ଦ୍ୱିତୀୟ ସିଞ୍ଚନ
ସଅଳ କିସମ	୬୦ ଦିନ	୮୦ ଦିନ
ମଧ୍ୟମ କିସମ	୮୦ ଦିନ	୧୦୦ ଦିନ
ବିଳମ୍ବ କିସମ	୧୦୦ ଦିନ	୧୨୦ ଦିନ

ସ୍ଥାନଭିତ୍ତିକ ଖାଦ୍ୟସାର ପରିଚାଳନା ପାଇଁ "ଧାନ ଫସଲ ପରିଚାଳକ" ବ୍ୟବହାର କରିବା ଭଲ।

୨.୬ ଅନାବନା ଘାସ ପରିଚାଳନା

ଅନାବନା ଘାସକୁ ପ୍ରାରମ୍ଭିକ ଅବସ୍ଥାରୁ ଠିକ୍ ଭାବେ ଦମନ କରା ନଗଲେ ଏହା ଧାନ ଅମଳକୁ ଶତକଡ଼ା ୨୦ ରୁ ୮୦ ଭାଗ ପର୍ଯ୍ୟନ୍ତ ହ୍ରାସ କରିଦେଇପାରେ। ଧାନ ରୋଇବା ପୂର୍ବରୁ ଜମିକୁ ୨୦ ଦିନ ବ୍ୟବଧାନରେ ଦୁଇଥର ହଳ କରି ଦିଅନ୍ତୁ। ଥରେ ହଳ କରିବା ପରେ ପାଣି ମଡ଼ାଇଦେଲେ ଘାସ ମଞ୍ଜିରୁ ଗଛ ବାହାରିଥାଏ। ଶେଷଥର ହଳ କରିବାବେଳେ ଘାସଗୁଡ଼ିକ ମାଟି ସହିତ ମିଶିଯାଇ ସଡ଼ି ଯାଇଥାଏ। ଏହି କାର୍ଯ୍ୟ ଦ୍ୱାରା ଘାସ ଦମନ ହେବା ସହିତ ମାଟିର ଉର୍ବରତା ବୃଦ୍ଧି ପାଇଥାଏ। ରୋଇବା ପୂର୍ବରୁ ଭଲଭାବେ କାଦୁଅ ହଳ କରାଗଲେ ଫଳପ୍ରଦଭାବେ ଘାସ ଦମନ ହୋଇଥାଏ। ରୋଇବାର ତିନି ଦିନ ମଧ୍ୟରେ ହେକ୍ଟର ପ୍ରତି ୧.୫-୧.୮୭୫ ଲିଟର ଗଜା ହେବା ପୂର୍ବ ଔଷଧ ପ୍ରିଟିଲାକ୍ଲୋର ୩୦.୭% ଇ.ସି. କୁ ବୁଣିବାର ୩-୫ ଦିନ ମଧ୍ୟରେ ଜମିରେ ପ୍ରୟୋଗ କରିବା ଉଚିତ୍। ଗଜା ହେବା ପର ଘାସମରା ଔଷଧ ବିସ୍‌ପାଇରିବାକ୍ ସୋଡ଼ିୟମ୍ ୧୦% ଏସ୍.ସି. କୁ ପ୍ରତି ଲିଟର ପାଣି ସହିତ ୦.୪ ମି.ଲି. ହିସାବରେ ମିଶାଇ ଫସଲରେ ପ୍ରୟୋଗ କରାଯାଇପାରେ। ଏହାପରେ କିଆରୀରେ ୫ ସେ.ମି. ପର୍ଯ୍ୟନ୍ତ ଠିଆପାଣି ରଖାଗଲେ ଘାସ ହୋଇନଥାଏ। ରୋଇବାର ୧୫ ଦିନ ପରଠାରୁ ପ୍ରତି ୧୦ ଦିନ ଅନ୍ତରରେ ରୋଟାରି ୱିଡର ଚଳାଇବା ଉଚିତ୍। ଏହା ଘାସ ଦମନ ପାଇଁ ଶ୍ରମିକ ଆବଶ୍ୟକତା ହ୍ରାସ କରିବା ସହିତ ମାଟି ଓ



ହାତ ଦ୍ୱାରା ଘାସ ବଛା



କୋନୋ ୱିଡର୍ ସାହାଯ୍ୟରେ ଘାସ ବଛା

ଚେର ପାଖରେ ବାୟୁ ଚଳାଚଳ କରିବାରେ ସହାୟକ ହୋଇଥାଏ। ଫଳରେ ଚେର ଅଧିକ ସକ୍ରିୟ ହେବା ସହିତ ଉତ୍ତମ ଭାବେ ଖାଦ୍ୟସାର ଗ୍ରହଣ କରିବା ଯୋଗୁଁ ଭଲ ଭାବେ ଦାନା ପୂରଣ ହୋଇଥାଏ। ପ୍ରାୟ ୩୦-୩୫ ଦିନ ପରେ ହାତରେ ଥରେ ଘାସ ବାଛିଦେବା ଆବଶ୍ୟକ।

୨.୭ ଜଳ ପରିଚାଳନା

ସମାନ ଅବଧିର ଅନ୍ୟାନ୍ୟ ଫସଲ ତୁଳନାରେ ଧାନ ଫସଲ ପାଇଁ ଅଧିକ ଜଳ ଆବଶ୍ୟକ ହୋଇଥାଏ। ତେଣୁ ଉପଯୁକ୍ତ ସମୟରେ ଜଳସେଚନ କରାଗଲେ ଫସଲରୁ ଆଶାନୁରୂପ ଅମଳ ମିଳିଥାଏ। ଧାନ ଗଛର ଜୀବନ କାଳ ମଧ୍ୟରେ କେତେକ ସଙ୍କଟ ଅବସ୍ଥା ଯଥା- ପିଲ ହେବା ଓ ଫୁଲ ହେବା ଅବସ୍ଥାରେ ଜଳାଭାବ ହେବା ଉଚିତ୍ ନୁହେଁ। ଥୋଡ଼ ହେବା ଠାରୁ କେଣ୍ଡା ବାହାରିବା ପର୍ଯ୍ୟନ୍ତ ସମୟ ମଧ୍ୟରେ ଯଥେଷ୍ଟ ପରିମାଣରେ ଜଳସେଚନ କରନ୍ତୁ। ଦୀର୍ଘ ବ୍ୟବଧାନରେ ଅଧିକ ପାଣି ମଡ଼ାଇବା ତୁଳନାରେ କମ୍ ଦିନ ବ୍ୟବଧାନରେ ଅଳ୍ପ ପରିମାଣର ପାଣି ମଡ଼ାଇ ମାଟିକୁ ଓଦା ରଖିବା ବିଶେଷ ଉପଯୋଗୀ ହୋଇଥାଏ। ଫସଲର ଅଭିବୃଦ୍ଧି ଅବସ୍ଥା ଅନୁସାରେ କିଆରୀରେ ଜଳସେଚନ ବା ଜଳ ନିଷ୍କାସନ କରାଯିବା ଉଚିତ୍।



ପମ୍ପ୍ ଦ୍ୱାରା ପାଣି ମଡ଼ାଯାଉଛି



ଜଳ ସ୍ତର ଜାଣିବା ପାଇଁ ପାଇପ୍‌ର ବ୍ୟବହାର

- ଥୋଡ଼ ହେବାର ତୃତୀୟ ସୋପାନ ପର୍ଯ୍ୟନ୍ତ: ଅଳ୍ପ ପାଣି (୨-୩ ସେ.ମି.)
- କେଣ୍ଡା ବାହାରିବା ଠାରୁ ଦାନା ପୂରଣ ପର୍ଯ୍ୟନ୍ତ: ଜଳାଭାବ ହେବା ଉଚିତ୍ ନୁହେଁ
- ଅମଳ କରିବାର ଏକ ସପ୍ତାହ ପୂର୍ବରୁ: ଜଳ ନିଷ୍କାସନ କରିବା ଦରକାର
- ଏକାନ୍ତର ଜଳସେଚନ ଓ ଜଳ ନିଷ୍କାସନ ପ୍ରକ୍ରିୟା ମାଧ୍ୟମରେ ଜମିକୁ ବାୟୁ ସଚଳ ଓ ବାୟୁ ଅଚଳ ଅବସ୍ଥାରେ ରଖାଯିବା ଆବଶ୍ୟକ

୨.୮ ରୋଗପୋକ ପରିଚାଳନା

ପ୍ରତିଷେଧକ ବ୍ୟବସ୍ଥା ହେଉଛି ରୋଗପୋକ ସମସ୍ୟା ପ୍ରତିହତ କରିବାର ସର୍ବଶ୍ରେଷ୍ଠ ଉପାୟ। ରୋଗ ପରିଚାଳନାର ପ୍ରମୁଖ ଉପାୟମାନ ହେଲା ବିଶୋଧିତ ବିହନ ବ୍ୟବହାର, ରୋଗାକ୍ରାନ୍ତ ଗଛକୁ ଉପାଡ଼ି ଦେବା ଏବଂ ସୁଷମ ସାର ପ୍ରୟୋଗ।

ପ୍ରମୁଖ ରୋଗ ଓ ପୋକ

କାଣ୍ଡବିନ୍ଧା ପୋକ



କାଣ୍ଡବିନ୍ଧା ପୋକର ଶୁକ୍ର, ପୂର୍ଣ୍ଣାଙ୍ଗ କୀଟ ଓ ଜମିରେ କ୍ଷତିର ଲକ୍ଷଣ

ପରିଚାଳନା

- ଖରିଫ୍ ଋତୁରେ ଅକ୍ଟୋବର ଓ ନଭେମ୍ବର ମାସ ଆଡ଼କୁ ଥଣ୍ଡା ପାଗ ଓ ଉଚ୍ଚ ଆର୍ଦ୍ରତା ରହିଲେ ଏହି ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସେହିପରି ରବି ଫସଲରେ ମୁଖ୍ୟତଃ ଜାନୁଆରୀ ଠାରୁ ଏପ୍ରିଲ୍ ମାସ ଯାଏ ଦେଖାଯାଇଥାଏ
- ରୋଇବା ପୂର୍ବରୁ ପତ୍ରର ଅଗକୁ ଛିଡ଼ାଇ ଦିଅନ୍ତୁ, ଅମଳ ବେଳେ ମାଟି ପାଖରୁ ଗଛକୁ କାଟନ୍ତୁ ଏବଂ ଅମଳ ପରେ ଜମିରେ ପାଣି ମଡ଼ାନ୍ତୁ
- ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ଅର୍ଥାତ୍ କିଆରୀରେ ପ୍ରତି ବର୍ଗମିଟରରେ ଗୋଟିଏ ଅଣ୍ଡା ପୁଞ୍ଜ ଅଥବା ଗୋଟିଏ ପୂର୍ଣ୍ଣାଙ୍ଗ କୀଟ ଦେଖାଗଲେ ପ୍ରତି ଲିଟର ପାଣି ସହିତ ୨ ଗ୍ରାମ୍ କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. କିମ୍ବା, ୦.୧୨୫ଗ୍ରାମ୍ ଫିପ୍ରୋନିଲ୍ ୮୦% ଡବ୍ଲ୍ୟୁ.ଜି. କିମ୍ବା, ୨ ଗ୍ରାମ୍ ଏସିଫେଟ୍ ୭୫% ଏସ୍.ପି. କିମ୍ବା, ୦.୩ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ମିଶାଇ ଫସଲରେ ସ୍ପ୍ରେ କରନ୍ତୁ
- ରୋଇବାର ୩୫ ଦିନ ପରଠାରୁ ଆରମ୍ଭ କରି ୧୦ ରୁ ୧୫ ଦିନ ଅନ୍ତରରେ ୩ ରୁ ୪ ଥର ଟ୍ରାଇକୋକାର୍ଡ଼ ବ୍ୟବହାର ଦ୍ୱାରା ଏକର ପ୍ରତି ୨୦,୦୦୦ ଅଣ୍ଡା ପ୍ରୟୋଗ କରନ୍ତୁ

ମାଟିଆଗୁଣ୍ଡି ପୋକ



ଚକଡ଼ା ହୋଇ ଲାଗିଥିବା ମାଟିଆ ଗୁଣ୍ଡି ପୋକ ଓ ଜମିରେ କ୍ଷତିର ଲକ୍ଷଣ

ପରିଚାଳନା

- ଖରିଫ୍ ଋତୁରେ ସାଧାରଣତଃ ସେପ୍ଟେମ୍ବର ରୁ ଅକ୍ଟୋବର ଓ ରବି ଫସଲରେ ଏପ୍ରିଲରୁ ମଇ ମାସ ଯାଏ ଦେଖାଦେଇଥାଏ
- ରୋଇବାବେଳେ ପ୍ରତି ୨ ମିଟର ପରେ ୨୦ ସେ.ମି. ଓସାରର ଖାଲି ସ୍ଥାନ ଛାଡ଼ନ୍ତୁ, ଅନୁମୋଦିତ ପରିମାଣରେ ଯବକ୍ଷାର ସାର ପ୍ରୟୋଗ କରନ୍ତୁ
- ଏକାନ୍ତର ଭାବେ ଜମିରେ ଜଳସେଚନ ଓ ଜଳ ନିଷ୍କାସନ କରନ୍ତୁ
- ପ୍ରାକୃତିକ ଶତ୍ରୁକୁ ସୁରକ୍ଷିତ ରଖିବା ପାଇଁ ପ୍ରାରମ୍ଭିକ ଅବସ୍ଥାରେ ଜୀବନାଶକ ଔଷଧ ବ୍ୟବହାର କରନ୍ତୁ ନାହିଁ
- କୀଟର ପୁନଃ ଆବିର୍ଭାବ ପାଇଁ ଦାୟୀ ରହୁଥିବା କୀଟନାଶକ ଔଷଧ ଯଥା କ୍ଲୋରୋପାଇରିଫସ୍, ପ୍ରୋଫେନୋଫସ୍, ଟ୍ରାୟାଜୋଫସ୍, ଦାନାଦାର ଫୋରେଟ୍ ଏବଂ ସିନ୍ଥେଟିକ ପାଇରାଥ୍ରଏଡ୍ (ଡେଲ୍‌ଟାମେଥ୍ରିନ୍, ସାଇପରମେଥ୍ରିନ୍, ସିହାଲୋଥ୍ରିନ୍) ବ୍ୟବହାର କରନ୍ତୁ ନାହିଁ
- ସମସ୍ତ ପଦକ୍ଷେପ ଗ୍ରହଣ କରିସାରିବା ପରେ ପିଲ ଅବସ୍ଥାରେ ବର୍ଗମିଟର ପ୍ରତି ୧୦ ରୁ ୧୫ ଓ କେଣ୍ଡା ବାହାରିବା ସମୟରେ ୨୦ ରୁ ୨୫ଟି କିମ୍ବା ଅଧିକ କୀଟ ଦେଖାଗଲେ ପ୍ରତି ଲିଟର ପାଣି ସହିତ ୦.୪ଗ୍ରାମ୍ ଡାଇନୋଟିଫୁରାନ୍ ୨୦% ଏସ୍.ଜି. କିମ୍ବା, ୦.୬ ଗ୍ରାମ୍ ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. କିମ୍ବା, ୦.୩ ଗ୍ରାମ୍ ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. ମିଶାଇ ସ୍ପ୍ରେ କରନ୍ତୁ
- ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏକର ପ୍ରତି ୨୦୦ ଲିଟର ଔଷଧ ଦ୍ରବଣ ସ୍ପ୍ରେ କରାଯିବା ଆବଶ୍ୟକ ଏବଂ ଔଷଧର ପରିବର୍ତ୍ତନ କରାଯିବା ସହିତ ସବୁଆଡ଼େ ସମାନ ଭାବେ ଔଷଧ ପକାଇବା ଉଚିତ୍

ପତ୍ରମୋଡ଼ା ପୋକ



ପତ୍ରମୋଡ଼ା ପୋକର ଶୁକ୍ର, ପୂର୍ଣ୍ଣାଙ୍ଗ କୀଟ ଓ ଜମିରେ କ୍ଷତିର ଲକ୍ଷଣ

ପରିଚାଳନା

- ଏହି ପୋକ ଫସଲର ସମସ୍ତ ବୃଦ୍ଧି ପର୍ଯ୍ୟାୟରେ ଦେଖାଯାଇଥାଏ
- କିଆରୀରୁ ଓ ହିଡ଼ରୁ ଅନାବନା ଘାସ ସଫା କରନ୍ତୁ, ଯବକ୍ଷାର ସାର ବ୍ୟବହାର ହ୍ରାସ କରନ୍ତୁ, କିଆରୀରେ ଦଉଡ଼ି ଚଲାଇ କୀଟର ଶୂକକୁ ଗଛରୁ ଝଡ଼ାଇ ଦେବା ଆବଶ୍ୟକ
- ରୋଇବା ପରେ ୩୫ ଦିନଠାରୁ ଆରମ୍ଭ କରି ୧୫ ଦିନ ଅନ୍ତରରେ ୩ ଥର ଏକର ପିଛା ୨୦,୦୦୦ ଟ୍ରାଇକୋଗ୍ରାମା ଚିଲୋନିସ୍ ଛଡ଼ାଯିବା ଆବଶ୍ୟକ
- ଗୋଟିଏ ବୁଦାରେ ୧ ବା ୨ଟିରୁ ଅଧିକ ପତ୍ର ଆକ୍ରାନ୍ତ ହେଲେ ପ୍ରତି ଲିଟର ପାଣି ସହିତ ୦.୨୫ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦% ଏସ୍.ଜି. କିମ୍ବା, ୨ ଗ୍ରାମ୍ କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ କିମ୍ବା, ୦.୩ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ମିଶାଇ ସ୍ପ୍ରେ କରନ୍ତୁ । କୀଟ ଆକ୍ରମଣ ଆର୍ଥିକ ଦେହଳୀ ସୀମା (ବୁଦାରେ ୨ଟିରୁ ଅଧିକ ପତ୍ର ଆକ୍ରାନ୍ତ) ଅତିକ୍ରମ କଲେ ଏକର ପ୍ରତି ୪ କି.ଗ୍ରା. କ୍ଲୋରାନ୍ଟ୍ରାନିଲିପ୍ରୋଲ ୦.୪% ଦାନାଦାର ଔଷଧ କିମ୍ବା, ୮କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪% ଦାନାଦାର ଔଷଧ ପ୍ରୟୋଗ କରନ୍ତୁ



ପତ୍ର ଅଷ୍ଟପଦୀର ଲକ୍ଷଣ

ପରିଚାଳନା

- ସେପ୍ଟେମ୍ବର ରୁ ଅକ୍ଟୋବର ମଧ୍ୟରେ ହାଲକା ବର୍ଷା ହେବା ପରେ ଉଜ୍ଜଳ ସୂର୍ଯ୍ୟକିରଣ ଅବସ୍ଥା ଏହି ପୋକ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ
- କିଆରି ଚାରିପଟେ ଗଭୀର ନାଳ ତିଆରି କରନ୍ତୁ ଏବଂ ଅନାବନା ଘାସ ସଫା କରନ୍ତୁ
- ବୁଢ଼ିଆଣୀ ଓ ବିରୁଡ଼ି ଭଳି ପ୍ରାକୃତିକ ଶତ୍ରୁମାନଙ୍କୁ ସୁରକ୍ଷା ଦିଅନ୍ତୁ
- ପୋକ ଦେଖାଯିବା ମାତ୍ରେ ଅପରାହ୍ନ ବା ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣି ସହିତ ୧.୬ ମି.ଲି. ମନୋକ୍ରୋଟୋଫସ୍ କିମ୍ବା, ୨.୫ ମି.ଲି. କ୍ଲୋରୋପାଇରିଫସ୍ ସହ ୧ ମି.ଲି. ଡାଇକ୍ଲୋରୋଭସ୍ ମିଶାଇ ସ୍ପ୍ରେ କରନ୍ତୁ

କେଣ୍ଡା ଅଷ୍ଟପଦୀ



କେଣ୍ଡା ଅଷ୍ଟପଦୀର ଲକ୍ଷଣ

ପରିଚାଳନା

- ସେପ୍ଟେମ୍ବର ଓ ଅକ୍ଟୋବର ସମୟରେ ଉଚ୍ଚ ତାପମାତ୍ରା ଏବଂ ଉଚ୍ଚ ଆର୍ଦ୍ରତା ସ୍ଥିତି ରହିଲେ ଏହି ପୋକର ବଂଶବୃଦ୍ଧି ଘଟିଥାଏ
- ଅମଳ ପରେ ଫସଲର ଅବଶିଷ୍ଟାଂଶକୁ ହଳକରି ମାଟିରେ ମିଶାଇ ଦିଅନ୍ତୁ ଓ ଶୀତ ଋତୁରେ ଏଗୁଡ଼ିକ ପୁଣିଥରେ ଯେପରି ବୃଦ୍ଧି ନହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ
- ପରବର୍ତ୍ତୀ ଋତୁ ନିମନ୍ତେ ଏକ ବିକଳ୍ପ ଫସଲ ଚୟନ କରନ୍ତୁ
- ଶିକାରୀ ଉଇ କେଣ୍ଡା ଅଷ୍ଟପଦୀର ବଂଶବୃଦ୍ଧିକୁ ରୋକିବାରେ ସହାୟକ ହୋଇଥାଏ
- ପ୍ରତି ଲିଟର ପାଣି ସହିତ ୨ ମି.ଲି. ଫେନପାଇରକ୍ସିମେଟ୍ ୫% ଇ.ସି. କିମ୍ବା, ୨ଗ୍ରାମ୍ ଡାୟାଫେନ୍‌ଥିଉରନ ୫୦% ଡବ୍ଲୁ.ପି. କିମ୍ବା, ୨ମି.ଲି. ପ୍ରୋପାରଜାଇଟ୍ ୫୭% ଇ.ସି. କିମ୍ବା, ୩ ଗ୍ରାମ୍ ଗନ୍ଧକ କିମ୍ବା, ୫.୦ ମି.ଲି. ଡାଇକୋଫଲ୍ ମିଶାଇ ସ୍ପ୍ରେ କରନ୍ତୁ

ମହିଷା ରୋଗ



ପତ୍ର ମହିଷା, ଗଳାପଟି ମହିଷା, ଗଣ୍ଠି ମହିଷା ରୋଗର ଲକ୍ଷଣ

ପରିଚାଳନା

- ଜୁଲାଇ ରୁ ସେପ୍ଟେମ୍ବର ମାସ ଯାଏ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ଆର୍ଦ୍ରତା ବଜାୟ ରହିଲେ ଏହି ରୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥାଏ
- ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ନଥିବା ବିହନ ବ୍ୟବହାର କରନ୍ତୁ
- ପ୍ରତି କିଲୋଗ୍ରାମ୍ ବିହନ ସହିତ ୨ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ (ଶୁଷ୍କ ବିଶୋଧନ) ବା ପ୍ରତି ଲିଟର ପାଣି ସହିତ ୧ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ (ଆର୍ଦ୍ର ବିଶୋଧନ) ମିଶାଇ ବିହନ ବିଶୋଧନ କରନ୍ତୁ
- ଜମିକୁ ପରିଷ୍କାର ରଖନ୍ତୁ
- ଯବକ୍ଷାର ସାର ବ୍ୟବହାର ହ୍ରାସ କରିବା ସହିତ ଥର ଥର କରି ଯବକ୍ଷାର ସାର ପ୍ରୟୋଗ କରନ୍ତୁ
- ରୋଗ ଆକ୍ରମଣ ହେଲେ ଜମିରୁ ଜଳ ନିଷ୍କାସନ କରନ୍ତୁ ନାହିଁ
- ରୋଗ ଦେଖାଯିବା ମାତ୍ରେ ଓ ଆର୍ଥିକ ଦେହଳୀ ସୀମା (ପ୍ରତି ବର୍ଗମିଟର ଜମିରେ ୩-୫ ଟି ଆକ୍ରାନ୍ତ ଗଛ) ଅତିକ୍ରମ କଲେ ନିମ୍ନ କବକନାଶକ ଔଷଧରୁ ଯେକୌଣସି ଗୋଟିଏ ପ୍ରୟୋଗ କରନ୍ତୁ

କ. ପ୍ରତି ଲିଟର ପାଣି ସହିତ ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ ୭୫% ଡବ୍ଲୁ.ପି.

ଖ. ପ୍ରତି ଲିଟର ପାଣି ସହିତ ୧.୫ ମି.ଲି. ଆଇସୋପ୍ରୋଥିଓଲେନ୍ ୪୦% ଇ.ସି.

ଗ. ପ୍ରତି ଲିଟର ପାଣି ସହିତ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି.

ଘ. ପ୍ରତି ଲିଟର ପାଣି ସହିତ ୨ ମି.ଲି. ହେକ୍ସାକୋନାଜୋଲ ୫% ଏସ୍.ସି.

- ଆବଶ୍ୟକତା ଅନୁଯାୟୀ ୧୦ ଦିନ ଅନ୍ତରରେ ପୁନର୍ବାର ସ୍ପ୍ରେ କରନ୍ତୁ

ଆଚ୍ଛାଦପୋଡ଼ା ରୋଗ



ଆଚ୍ଛାଦ ପୋଡ଼ା ରୋଗର ଲକ୍ଷଣ

ପରିଚାଳନା

- ପିଲ ହେବା ଠାରୁ କେଣ୍ଡା ବାହାରିବା ପର୍ଯ୍ୟନ୍ତ ଏହି ରୋଗ ଫସଲକୁ କ୍ଷତି ପହଞ୍ଚାଇଥାଏ
- ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ନଥିବା ବିହନ ବ୍ୟବହାର କରନ୍ତୁ
- ପ୍ରତି କିଲୋଗ୍ରାମ୍ ବିହନ ସହିତ ୫-୧୦ ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡ଼ି ମିଶାଇ ବିହନ ବିଶୋଧନ କରନ୍ତୁ
- କିଆରୀରୁ ଓ ହିଡ଼ରୁ ଘାସ ବାଛି ଜମିକୁ ପରିଷ୍କାର ରଖନ୍ତୁ
- ଯବକ୍ଷାର ସାର ବ୍ୟବହାର ହ୍ରାସ କରିବା ସହିତ ଥର ଥର କରି ଯବକ୍ଷାର ସାର ପ୍ରୟୋଗ କରନ୍ତୁ

- ରୋଗ ଦେଖାଯିବା ମାତ୍ରେ ଓ ଆର୍ଥିକ ଦେହଳୀ ସୀମା (ପ୍ରତି ବର୍ଗ ମିଟର ଜମିରେ ୨-୩ ଟି ଗଛ ଆକ୍ରାନ୍ତ) ଅତିକ୍ରମ କଲେ ନିମ୍ନ କବକନାଶକ ଔଷଧରୁ ଯେକୌଣସି ଗୋଟିଏ ପ୍ରୟୋଗ କରନ୍ତୁ
- ପ୍ରତି ଲିଟର ପାଣି ସହିତ ୨ ମି.ଲି. ହେକ୍ସାକୋନାଜଲ ୫% ଇ.ସି., କିମ୍ବା, ୨ମି.ଲି. ଭାଲିଡ଼ାମାଇସିନ୍ ୩% ଏଲ କିମ୍ବା, ୦.୫ ମି.ଲି. ଡାଇଫେନୋକୋନାଜୋଲ ୨୫% ଇ.ସି. କିମ୍ବା, ୨ ମି.ଲି. କିଟାଜିନ୍ ୪୮% ଇ.ସି. ମିଶାଇ ସ୍ପ୍ରେ କରନ୍ତୁ
- ଆବଶ୍ୟକତା ଅନୁଯାୟୀ ୧୦ ଦିନ ଅନ୍ତରରେ ପୁନର୍ବାର ସ୍ପ୍ରେ କରନ୍ତୁ

ସାଆରା ରୋଗ



ସାଆରା ରୋଗର ଲକ୍ଷଣ

ପରିଚାଳନା

- ଅକ୍ଟୋବର ଓ ନଭେମ୍ବର ମାସ ମଧ୍ୟରେ ଉଚ୍ଚ ଆର୍ଦ୍ରତା ଏବଂ ମେଘୁଆ ପାଗ ରହିଲେ ଏହି ରୋଗ ବ୍ୟାପିବାର ସମ୍ଭାବନା ରହିଥାଏ
- ଉନ୍ନତ ମାନର ସୁସ୍ଥ ବିହନ ଚୟନ କରନ୍ତୁ
- ଧାନ ସଫା କରିବାବେଳେ ସାଆରା ରୋଗାକ୍ରାନ୍ତ ଧାନକୁ ଅଲଗା କରି ନଷ୍ଟ କରନ୍ତୁ
- ଥର ଥର କରି ଯବକ୍ଷାର ସାର ପ୍ରୟୋଗ କରନ୍ତୁ
- ପ୍ରତି କିଗ୍ରା ବିହନ ସହ ୩ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା, ୨ ଗ୍ରାମ୍ କାର୍ବୋକ୍ସିନ ୩୭.୫% ସହ ଥିରାମ ୩୭.୫% ଡବ୍ଲୁ.ପି. ର ମିଶ୍ରଣ କୁ ବ୍ୟବହାର କରି ବିହନ ବିଶୋଧନ କରନ୍ତୁ

- ପ୍ରତି ବର୍ଷ କିଆରୀରେ ଏହି ରୋଗ ଦେଖାଯାଉଥିଲେ ପିଲ ହେବା ଅବସ୍ଥା ଓ ଫୁଲ ହେବା ପୂର୍ବ ଅବସ୍ଥାରେ ପ୍ରତି ଲିଟର ପାଣି ସହିତ ୧ ମି.ଲି. ହେକ୍‌ସାକୋନାଜଲ ୫% ଇ.ସି. କିମ୍ବା, ୨ ଗ୍ରାମ୍ କ୍ଲୋରୋଥାଲୋନିଲ ୭୫% ଡବ୍ଲୁ.ପି. କିମ୍ବା, ୨.୫ ଗ୍ରାମ୍ କପର ହାଇଡ୍ରକ୍ସାଇଡ୍ ୭୭% ଡବ୍ଲୁ.ପି. ମିଶାଇ ଫସଲରେ ସ୍ପ୍ରେ କରନ୍ତୁ

ବୀଜାଣୁଜନିତ ପତ୍ରପୋଡ଼ା ରୋଗ



ବୀଜାଣୁଜନିତ ପତ୍ର ପୋଡ଼ା ରୋଗର ଲକ୍ଷଣ


ପରିଚାଳନା

- କେଣ୍ଡା ବାହାରିବା ସମୟରେ ଏହି ରୋଗ ଦେଖାଯାଉଥିବା ବେଳେ, ମାତ୍ରାଧିକ ରୋଗ ବ୍ୟାପିବା କ୍ଷେତ୍ରରେ ସଅଳ ପରିଲକ୍ଷିତ ହୋଇଥାଏ
- ଯବକ୍ଷାର ପ୍ରୟୋଗ ପରିମାଣ ହ୍ରାସ ସହିତ ଥର ଥର କରି ଯବକ୍ଷାର ସାର ବ୍ୟବହାର କରନ୍ତୁ
- ରୋଗ ଦେଖାଯିବା ପରେ ଯବକ୍ଷାର ସାର ପ୍ରୟୋଗ ହ୍ରାସ କରନ୍ତୁ ବା ଆଦୌ ପ୍ରୟୋଗ କରନ୍ତୁ ନାହିଁ
- କ୍ଷେତରେ ଏହି ରୋଗ ବ୍ୟାପିବାକୁ ରୋକିବା ପାଇଁ କୌଣସି ରାସାୟନିକ ଔଷଧ ଫଳପ୍ରଦ ହେଉନାହିଁ
- ସୁଡୋମୋନାସ ଫ୍ଲୋରସେନ୍‌ସ ଓ ଟ୍ରାଇକୋଡର୍ମା ହାର୍ଜିଆନମ (୦.୫%)ର ମିଶ୍ରିତ ବ୍ୟବହାର କରନ୍ତୁ

- ରୋଗକୁ ନିୟନ୍ତ୍ରଣ କରିବା ନିମନ୍ତେ ୨୦୦ ଲିଟର ପାଣିରେ ୨୦କିଗ୍ରା ଗାଈ ଗୋବର ମିଶାଇ ଏକ ଝୋଟ ଅଖା ସାହାଯ୍ୟରେ ଘୋଳକୁ ଛାଣି ନିଅନ୍ତୁ। ଛଣା ହୋଇଥିବା ଘୋଳ ବା ମିଶ୍ରଣକୁ ୫୦ ଲିଟର ପାଣିରେ ମିଶାନ୍ତୁ। ଉପରକୁ ଛିଡ଼ାହୋଇଥିବା ଦ୍ରବଣକୁ ଫସଲରେ ସ୍ପ୍ରେ କରନ୍ତୁ
- ଆର୍ଥିକ ଦେହଳୀ ସୀମା (ପ୍ରତି ବର୍ଗ ମିଟରରେ ୨-୩ଟି ଆକ୍ରାନ୍ତ ପତ୍ର) ଅତିକ୍ରମ କଲେ ପ୍ରତି ଲିଟର ପାଣି ସହ ୩ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ ୫୩.୮% ଡି.ଏଫ୍. କିମ୍ବା, ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁ.ପି. କିମ୍ବା, ୧ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଏସ୍.ପି. ମିଶାଇ ସ୍ପ୍ରେ କରନ୍ତୁ

ରୋଗ ପୋକ ଓ ଏହାର ପରିଚାଳନା ବିଷୟରେ ଅଧିକ ଜାଣିବା ନିମନ୍ତେ ଗୁଗୁଲ ପ୍ଲେ ଷ୍ଟୋର୍‌ରୁ 'ରାଇସ୍ ଡକ୍ଟର ଓଡ଼ିଶା' ମୋବାଇଲ ଆପ୍ ଡାଉନ୍‌ଲୋଡ଼ କରନ୍ତୁ।

୨.୯ ଅନ୍ୟ କିସମ ଓ ବାଲୁଙ୍ଗା ଦମନ



କ୍ଷେତରେ ଥିବା ଅନ୍ୟ କିସମ

ଧାନ ବିହନକୁ ଭୌତିକ ଓ ଆନୁବଂଶିକୀ ଦୃଷ୍ଟିରୁ ନିରୋଳା ରଖିବା ପାଇଁ ଫସଲର ବିଭିନ୍ନ ଅବସ୍ଥାରେ ଅନ୍ୟ କିସମର ଗଛ ଓ ବାଲୁଙ୍ଗା ଧାନ ଗଛ ବାହାର କରିବା ନିହାତି ଆବଶ୍ୟକ। ଅନ୍ୟ କିସମର ଗଛ ଗୁଡ଼ିକୁ ସେସବୁର ବୈଶିଷ୍ଟ୍ୟାବଳୀ (ଯଥା ଉଚ୍ଚତା, ପତ୍ରର ଆକାର, ପତ୍ରର ଆକୃତି ଓ ରଙ୍ଗ, କେଣ୍ଡାର ଆକୃତି, କେଣ୍ଡାର ଆକାର ଏବଂ ବର୍ଣ୍ଣ) ଅନୁସାରେ ଅଭିବୃଦ୍ଧି ଅବସ୍ଥା ବା ଫୁଲ ହେବା ଆରମ୍ଭ ଅବସ୍ଥାରେ ଚିହ୍ନଟ କରାଯାଇପାରିବ।

ଗଛର ଗୁଣାବଳୀକୁ ଅବଲୋକନ କରି ଅନ୍ୟ କିସମ ଗଛକୁ ଚିହ୍ନଟ କରାଯାଇପାରିବ।

- ଅନ୍ୟାନ୍ୟ ଗଛ (ମୁଖ୍ୟ ଫସଲ) ତୁଳନାରେ ଅଧିକ ଡେଙ୍ଗା ବା ଗେଡ଼ା ଗଛ
- ପତ୍ର, ଆଚ୍ଛାଦ ବା ନଡ଼ାର ରଙ୍ଗ ଭିନ୍ନ ହୋଇଥିବ
- ଧାନରେ ଅଂଶାର ଉପସ୍ଥିତି ବା ଅନୁପସ୍ଥିତି
- ଥୋଡ଼ ପତ୍ରର କୋଣ
- ଶୀଘ୍ର ବା ବିଳମ୍ବରେ କେଣ୍ଡା ବାହାରିବା
- ରୋଗ ବା କୀଟ ଦ୍ୱାରା ଆକ୍ରାନ୍ତ ଗଛ

୨.୧୦ ଧାନ କାଟିବା

ଉପଯୁକ୍ତ ସମୟରେ ଧାନ କଟାଯିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଅମଳ କରିବାରେ ବିଳମ୍ବ ହେଲେ ବା ଶୀଘ୍ର ଅମଳ କରାଗଲେ ଧାନର ମାନ ଓ ପରିମାଣ ପ୍ରଭାବିତ ହୋଇଥାଏ।



ହାତରେ ଧାନ କଟା ଯାଉଛି



କମ୍ବାଇନ୍ ହାର୍ଭେଷ୍ଟର ଦ୍ୱାରା ଧାନ କଟାଯାଉଛି

ଅମଳ କରିବା ପାଇଁ ଉପଯୁକ୍ତ ସମୟ:

- ଶସ୍ୟରେ ୨୦-୨୨% ଜଳୀୟ ଅଂଶ ଥିଲେ।
- ୮୦-୮୫% କେଣ୍ଡା ନଡ଼ା ରଙ୍ଗର ହୋଇଯିବା।

ଧାନ କାଟିବା ବିଷୟରେ ଅଧିକ ଜାଣିବା ପାଇଁ www.rkbodisha.in ଦେଖନ୍ତୁ।

୨.୧୧ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ

ଖଳାରେ ଅମଳ: ଖଳାରେ କେଣ୍ଡାରୁ ଧାନକୁ ଅଲଗା କରାଯାଇଥାଏ। ଅମଳ କରିବାବେଳେ ଦେଖିବା କଥା ଯେପରି ଧାନ ଆଘାତପ୍ରାପ୍ତ ହୋଇ ଏଥିରେ କ୍ଷତ ସୃଷ୍ଟି ନ ହୁଏ। ହାତରେ ଅମଳ କରାଯାଉଥିଲେ, କାଠ ପଟା ଉପରେ ବାଡ଼େଇଲେ ମଞ୍ଜି କ୍ଷତିଗ୍ରସ୍ତ ହୋଇ ନଥାଏ। ଯନ୍ତ୍ର ସାହାଯ୍ୟରେ ଅମଳ କରାଯାଉଥିଲେ ଯନ୍ତ୍ରର ବେଗକୁ ଉପଯୁକ୍ତ ଭାବେ ନିର୍ଦ୍ଧାରଣ କରାଯିବା ଆବଶ୍ୟକ। ଅମଳ ବେଳେ ମଞ୍ଜିର ଜଳୀୟ ଅଂଶ ପରିମାଣ ୧୫-୧୮% ହୋଇଥିବା ଦରକାର।



ପାରମ୍ପରିକ ଧାନ ଅମଳ



ମେସିନ୍ ଦ୍ୱାରା ଧାନ ଅମଳ

ଧାନ ଉଡ଼ାଇବା: ଧୂଳି ଓ ଅନ୍ୟାନ୍ୟ ପଦାର୍ଥ ସଫା କରିବା ପାଇଁ ଧାନକୁ ଗୋଟିଏ ପରିଷ୍କାର ସ୍ଥାନରେ ଉଡ଼ାଇବା ଦରକାର। ହାତରେ ଅଥବା ହସ୍ତଚାଳିତ ବା ଶକ୍ତିଚାଳିତ ଯନ୍ତ୍ର ସାହାଯ୍ୟରେ ଧାନ ଉଡ଼ାଯାଇ ପାରିବ।



କଣେ ଚାଷୀ କୁଲା ଦ୍ୱାରା ଧାନ ଉଡ଼ାଉଛନ୍ତି

ଶୁଖାଇବା: ଶୁଖାଇବା ପାଇଁ ଧାନକୁ ଗୋଟିଏ ମ୍ୟାଟ୍ ଉପରେ ପତଳା ଭାବେ ଖରାରେ ପକାଇବାକୁ ହେବ। ଏହି ଧାନକୁ ଦିନରେ ୪ ରୁ ୫ ଥର ଓଲଟ ପାଲଟ କରିବାକୁ ପଡ଼ିବ। ଏହି ପ୍ରକ୍ରିୟା ୨-୩ ଦିନ ପର୍ଯ୍ୟନ୍ତ କରିବାକୁ ହେବ। ଖଳାରେ ଅମଳ ପରେ ସଙ୍ଗେ ସଙ୍ଗେ କମ୍ ଆର୍ଦ୍ରତା ଥିବା ପରିସରରେ ଧାନ ଶୁଖାଇବାକୁ ହୋଇଥାଏ। ନିରାପଦ ବା ଉତ୍ତମ ଭାବେ ସାଇତିବା ପାଇଁ ଜଳୀୟ ଅଂଶ ୧୩% କୁ ଅଣାଯିବା ଦରକାର।



ଶୁଖାଇବା ପରେ ଧାନକୁ ଓଲଟାଯାଉଛି



ପଲିଥିନ୍ ଉପରେ ଧାନ ଶୁଖାଯାଇଛି

ସାଇତି ରଖିବା: ଗୋଟିଏ ଋତୁରୁ ଅନ୍ୟ ଋତୁ ପର୍ଯ୍ୟନ୍ତ ବା ଅମଳ ପରଠାରୁ ବିକ୍ରି ହେବା ପର୍ଯ୍ୟନ୍ତ ବିହନ ରଖାଯିବାକୁ ସାଇତି ରଖିବା କୁହାଯାଏ। ଆଦର୍ଶ ଅବସ୍ଥାରେ ସାଇତା ଯାଇଥିବା ଧାନରେ ବାହ୍ୟ ପରିବେଶରୁ ବାୟୁ ବା ଜଳୀୟଅଂଶ ପ୍ରବେଶ କରି ନଥାଏ। ବିହନରେ ଜଳୀୟାଂଶ ମିଶିଲେ ତାହା ଓଦା ହେବା ସହିତ ଏଥିରେ ଫିମ୍ପି ଲାଗିଯାଏ ଓ କୀଟ ଆକ୍ରମଣର ଆଶଙ୍କା ବୃଦ୍ଧି ପାଇଥାଏ। ବିହନକୁ ଶୀତଳ ଓ ଶୁଷ୍କ ପରିବେଶରେ ସାଇତି ରଖିଲେ ଏହାର ଗଜା ହେବା କ୍ଷମତା ଅଧିକ ଦିନ ରହିଥାଏ। ସାଇତି ରଖିବା ପୂର୍ବରୁ ପ୍ରତି ୧୦୦ କି.ଗ୍ରା. ବିହନ ସହ ୧ କି.ଗ୍ରା. ନିମ୍ବ ମଞ୍ଜି ଗୁଣ୍ଡ ମିଶାଇ ଦିଅନ୍ତୁ।



ବିହନ ସାଇତିବା ପାଇଁ ଇରି ସୁପର୍ ବ୍ୟାଗ୍ ବ୍ୟବହାର

ଧାନ ଆଦି ଫସଲର ଶସ୍ୟ ଓ ଅନ୍ୟାନ୍ୟ ଫସଲକୁ (ଯଥା- କଫି) ବାୟୁରୁଦ୍ଧ ଅବସ୍ଥାରେ ନିରାପଦଭାବେ ଦୀର୍ଘଦିନ ପର୍ଯ୍ୟନ୍ତ ସାଇତି ରଖିବା ପାଇଁ କୃଷକଙ୍କ ବ୍ୟବହାର ଉପଯୋଗୀ ଏକ ସାଇତା ବ୍ୟାଗ୍ ହେଉଛି ଇରି ସୁପର୍ ବ୍ୟାଗ୍। ପାରମ୍ପରିକ ସାଇତା ବ୍ୟବସ୍ଥା ତୁଳନାରେ ଇରି ସୁପର୍ ବ୍ୟାଗ୍‌ର ସ୍ୱତନ୍ତ୍ର ଗୁଣ ହେଲା:

- ବିହନର ଗଜା ହେବା କ୍ଷମତା ୬ ରୁ ୧୨ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଥାଏ।
- ରାସାୟନିକ ପଦାର୍ଥ ବ୍ୟବହାର ନ କରି ଶସ୍ୟରେ କୀଟ ନିୟନ୍ତ୍ରଣ କରିଥାଏ।



ଇରି ସୁପର୍ ବ୍ୟାଗ୍ ଦ୍ୱାରା ଫସଲ ସାଇତା

୩. ବିହନ ଉତ୍ପାଦନର ବିଭିନ୍ନ ସୋପାନ

ବିହନର ଶ୍ରେଣୀ ଓ କାର୍ଯ୍ୟ ପ୍ରକ୍ରିୟା	
ମୂଳ ବିହନ (ନ୍ୟୁକ୍ଲିୟସ୍ ସିଡ୍)	ଆନୁବଂଶିକୀ ଓ ଭୌତିକ ଦୃଷ୍ଟିରୁ ୧୦୦% ନିରୋଳା ବିହନ ରଖିଥିବା ଅନୁଷ୍ଠାନ ବା ପ୍ରଜଜକମାନେ ମୂଳ ବିହନ ଉତ୍ପାଦନ କରିଥାନ୍ତି । ସାଧାରଣତଃ ଜଣେ ପ୍ରଜଜକ/ ଗୋଟିଏ ଅନୁଷ୍ଠାନ ଦ୍ୱାରା ମୂଳ ବିହନ ବ୍ୟବହାର କରି ଏହି ବିହନ ଉତ୍ପାଦନ କରାଯାଇଥାଏ । ପ୍ରଜଜକ ବିହନ ଉତ୍ପାଦନ ପାଇଁ ମୂଳ ବିହନ ବ୍ୟବହାର କରାଯାଏ ।
ପ୍ରଜଜକ ବିହନ (ବ୍ରିଡର୍ ସିଡ୍) ଟ୍ୟାଗ୍ ରଙ୍ଗ: ହଳଦିଆ	ବିହନର ବିକାଶ କରିଥିବା ପ୍ରଜଜକ ବା ସଂପୃକ୍ତ ଅନୁଷ୍ଠାନ ଅଥବା ମୂଳ ବିହନ ଯୋଗାଣ କରୁଥିବା ଫାର୍ମର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ପାଦନ କରାଯାଇଥାଏ । ମୂଳ ବିହନକୁ ଉପଯୁକ୍ତ ବିଲଗନ ଦୂରତାରେ ଚାଷ କରାଯାଇ ପ୍ରଜଜକ ବିହନ ଉତ୍ପାଦନ କରାଯାଇଥାଏ । ପିଣ୍ଡ ବିହନ ଉତ୍ପାଦନ ପାଇଁ ପ୍ରଜଜକ ବିହନ ବ୍ୟବହାର କରାଯାଇଥାଏ ।
ପିଣ୍ଡ ବିହନ (ଫାଉଣ୍ଡେସନ ସିଡ୍) (ଟ୍ୟାଗ୍ ରଙ୍ଗ: ଧଳା)	ପ୍ରଜଜକ ବିହନରୁ ପିଣ୍ଡ ବିହନ ଉତ୍ପାଦନ କରାଯାଇଥାଏ । ଏହା ଆନୁବଂଶିକୀ ଦୃଷ୍ଟିରୁ ନିରୋଳା ଅଟେ । ପ୍ରମାଣୀକୃତ ବିହନ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଏ । କିସମର ବିକାଶକର୍ତ୍ତା ବା ସମ୍ପୃକ୍ତ ଅନୁଷ୍ଠାନ ବା ଲାଇସେନ୍‌ସପ୍ରାପ୍ତ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ପିଣ୍ଡ ବିହନ ଉତ୍ପାଦନ କରାଯାଏ ।
ପ୍ରାମାଣିକ ବିହନ (ଟ୍ୟାଗ୍ ରଙ୍ଗ: ନୀଳ)	ପିଣ୍ଡ ବିହନ କିମ୍ବା ପ୍ରାମାଣିକ-୧ ବିହନରୁ ପ୍ରାମାଣିକ-୨ ବିହନ ଉତ୍ପାଦନ କରାଯାଇଥାଏ । ପ୍ରାମାଣିକ ହେବା ପାଇଁ ଏହି ବିହନ କେତେକ ନିର୍ଦ୍ଦିଷ୍ଟ ମାନ ପୂରଣ କରୁଥିବା ଆବଶ୍ୟକ । କୃଷକମାନଙ୍କ ଦ୍ୱାରା ବ୍ୟବସାୟିକ ଉତ୍ପାଦନ ନିମନ୍ତେ ପ୍ରାମାଣିକ ବିହନ ବ୍ୟବହାର କରାଯାଇଥାଏ । ରାଜ୍ୟ ବିହନ ପ୍ରମାଣନ ସଂସ୍ଥାର ସ୍ୱୀକୃତି ବିନା ପ୍ରାମାଣିକ-୧ ବିହନରୁ ପ୍ରାମାଣିକ-୨ ବିହନ ଉତ୍ପାଦନ କରାଯାଇପାରିବ ନାହିଁ ।

ବିଶ୍ୱସନୀୟ ବିହନ (Truthfully Labelled Seed)	କୃଷକ ଏବଂ ବେସରକାରୀ ବିହନ ଉତ୍ପାଦନ ସଂସ୍ଥା ଦ୍ୱାରା ପ୍ରଜଜକ କିମ୍ବା ପିଣ୍ଡ ବିହନରୁ ବିଶ୍ୱସନୀୟ ବିହନ ଉତ୍ପାଦନ କରାଯାଇଥାଏ। ଯଦିଓ ଏହି ପ୍ରକାରର ବିହନ ଉତ୍ପାଦନ ପାଇଁ ପ୍ରମାଣୀକରଣର ଆବଶ୍ୟକତା ନାହିଁ, ତଥାପି ବିହନ ଓ ଜମିର କେତେକ ମାନ ବଜାୟ ରଖିବାକୁ ହେବ। ବିଜ୍ଞପିତ କିସମ କ୍ଷେତ୍ରରେ ବିଶ୍ୱସନୀୟ ଲେବ୍‌ଲିଂ କରିବା ପାଇଁ ଗଜାହେବା କ୍ଷମତା ଓ ନିରୋଳା ଗୁଣ ପରୀକ୍ଷା କରାଯାଏ।



ବିଭିନ୍ନ ରଙ୍ଗର ବିହନ ପ୍ରାମାଣିକରଣ ଟ୍ୟାଗ୍ (ଫଳକ)

୪. ଓଡ଼ିଶାରେ ଧାନ ବିହନ ପ୍ରମାଣନ ପ୍ରକ୍ରିୟା

ଗୋଟିଏ ଋତୁ ମଧ୍ୟରେ ପଞ୍ଜୀକରଣ: ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ୱେବ୍‌ସାଇଟ୍‌ରେ ଆବେଦନକାରୀଙ୍କ ବିଶଦ ତଥ୍ୟ, ଠିକଣା, ଜମିର ତଥ୍ୟ ଓ ଫସଲର ସୂଚନା ପ୍ରଦାନ କରି ବିହନ ଉତ୍ପାଦନକାରୀ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯିବା ସହିତ ଅନ୍‌ଲାଇନ୍‌ରେ ଦରଖାସ୍ତର ତଦାରଖ କରାଯାଇଥାଏ।

ଉତ୍ସର ତଦାରଖ ଓ ପରିଦର୍ଶନ: ବିହନ ପାଇଁ ଚାଷ କରାଯାଉଥିବା ଫସଲ ନିମନ୍ତେ ବ୍ୟବହାର କରାଯାଉଥିବା ବିହନର ଉତ୍ସ ଓ ଅନ୍ୟାନ୍ୟ ଆବଶ୍ୟକତା ତଦାରଖ ପାଇଁ ସଂପୃକ୍ତ ବିହନ ପ୍ରମାଣନ ଅଧିକାରୀ ଉତ୍ତରଦାୟୀ ଅଟନ୍ତି।

ପଞ୍ଜିକରଣ ତଥ୍ୟ ଅନୁସାରେ କ୍ଷେତ୍ର ପରିଦର୍ଶନ କରି ନିର୍ଦ୍ଧାରିତ ମାନ (ବିହନର ଆନୁବଂଶିକୀ ନିରୋଳା ଓ ବିହନ ସ୍ୱାସ୍ଥ୍ୟର କ୍ଷତି କରୁଥିବା କାରଣର ତଦାରଖ) ଅନୁଧାନ କରାଯାଏ। ଏହି ପ୍ରକ୍ରିୟା ପାଇଁ ଅନ୍‌ଲାଇନ ବ୍ୟବସ୍ଥା ଉପଲବ୍ଧ ଅଛି।

କ୍ଷେତ୍ର ପରିଦର୍ଶନ ମଧ୍ୟରେ ରହିଛି: (କ) ବିଲଗନ ଦୂରତା ୩ ମିଟର, (ଖ) ଫୁଲ ହେବା ସମୟ (ଗ) କେଣ୍ଡାର ଅନୁଧ୍ୟାନ। ପରିଦର୍ଶନର ନିୟମ ଅନୁସାରେ ୫୦% ଫୁଲ ହେବାଠାରୁ ପାକଳ ହେବା ପର୍ଯ୍ୟନ୍ତ ଅନ୍ତତଃ ଦୁଇଥର କ୍ଷେତ୍ର ପରିଦର୍ଶନ କରିବା ଆବଶ୍ୟକ।

ଏହାପରେ ବିହନ ପ୍ରମାଣନ ଅଧିକାରୀଙ୍କ ଦ୍ୱାରା ବିହନ ଉତ୍ପାଦନକାରୀଙ୍କୁ କ୍ଷେତ୍ର ପରିଦର୍ଶନ ରିପୋର୍ଟ ପ୍ରଦାନ କରାଯାଏ।



ବିଲଗନ ଦୂରତା (୩ ମିଟର)

ଖଳା ପ୍ରମାଣପତ୍ର ପ୍ରଦାନ: ଖଳା ପ୍ରମାଣପତ୍ର ପ୍ରଦାନ ପୂର୍ବରୁ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଖଳାରେ ଅମଳ କାର୍ଯ୍ୟର ତଦାରଖ କରାଯାଏ। ସେହିପରି ଅମଳ ପରବର୍ତ୍ତୀ ଅନ୍ୟାନ୍ୟ କାର୍ଯ୍ୟ ଯଥା ପ୍ରକ୍ରିୟାକରଣ ଓ ପ୍ୟାକିଂ କରିବା ମଧ୍ୟ ତଦାରଖ କରାଯାଇଥାଏ।

ନମୁନା ସ୍ଲିପ୍ ପ୍ରସ୍ତୁତି: ପରୀକ୍ଷାଗାରରେ ବିହନ ପରୀକ୍ଷା କରିବା ପାଇଁ ତିନି ପ୍ରକାରର ନମୁନା ସ୍ଲିପ୍ ପ୍ରସ୍ତୁତ ହୋଇଥାଏ।

ନମୁନା ୧ : ବିହନ ପରୀକ୍ଷାଗାରକୁ ପଠାଯାଏ

ନମୁନା ୨ : ବିହନ ଉତ୍ପାଦନକାରୀଙ୍କୁ ପ୍ରଦାନ କରାଯାଏ

ନମୁନା ୩: ଅତିରିକ୍ତ ଗାର୍ଡ ନମୁନା (ନମୁନା ସଂଗ୍ରହକାରୀଙ୍କ ପାଖେ ରଖାଯାଏ)

ବିହନ ପରୀକ୍ଷଣ: ବିହନର ନିମ୍ନ ଲିଖିତ ଗୁଣମାନ ପରୀକ୍ଷା କରିବା ପରେ ପରୀକ୍ଷାଗାର ତରଫରୁ ବିହନ ପରୀକ୍ଷା ବିବରଣୀ ପ୍ରଦାନ କରାଯାଏ।

- ଗଜା ହେବା କ୍ଷମତା ପରୀକ୍ଷା
- ଭୌତିକ ନିରୋଳା ପରୀକ୍ଷା
- ଜଳୀୟ ଅଂଶ ପରୀକ୍ଷା
- ବାରି ହେଉଥିବା ଅନ୍ୟ କିସମର ପରୀକ୍ଷା
- କୀଟ ଦ୍ୱାରା ଆକ୍ରାନ୍ତ ପରୀକ୍ଷା
- ରୋଗ ଆକ୍ରମଣ ପରୀକ୍ଷା

ଟ୍ୟାଗ୍ ଓ ପ୍ରମାଣପତ୍ର ପ୍ରଦାନ: ବିହନ ପ୍ରମାଣନ ଉତ୍ତୀର୍ଣ୍ଣ ହୋଇଥିବା ବିହନ ପାଇଁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରମାଣପତ୍ର ଓ ଟ୍ୟାଗ୍ ପ୍ରଦାନ କରାଯାଇଥାଏ।

ଟ୍ୟାଗ୍‌ର ବୈଧତା: ବିହନ ନମୁନା ସଂଗ୍ରହ ହେବା ତାରିଖଠାରୁ ୯ ମାସ ପର୍ଯ୍ୟନ୍ତ ଟ୍ୟାଗ୍ ହୋଇଥିବା ବିହନର ବୈଧତା ବଜାୟ ରହିଥାଏ।

୫. **ପ୍ରମାଣନ ମାନ**

ବିହନ ଓ କ୍ଷେତର ମାନ	ପ୍ରାମାଣିକ ଶ୍ରେଣୀ ପାଇଁ ମାନ
ବାଲୁଙ୍ଗା/ ଅନ୍ୟ କିସମ ଧାନ (ସର୍ବାଧିକ)	୦.୨୦%
ସମସ୍ୟାଯୁକ୍ତ ଘାସ ଗଛ (ସର୍ବାଧିକ)	୦.୦୨%
ନିରୋଳା ବିହନ (ସର୍ବନିମ୍ନ)	୯୮.୦%
ନିଷ୍କ୍ରିୟ ପଦାର୍ଥ (ସର୍ବାଧିକ)	୨.୦%
ଚୋପା ଛାଡ଼ିଥିବା ବିହନ (ସର୍ବାଧିକ)	୨.୦%
ଅନ୍ୟ ଫସଲ ମଞ୍ଜି (ସର୍ବାଧିକ)	କି.ଗ୍ରା. ପ୍ରତି ୨୦ଟି
ବାରି ହୋଇ ପଡୁଥିବା ଅନ୍ୟ କିସମ (ସର୍ବାଧିକ)	କି.ଗ୍ରା. ପ୍ରତି ୨୦ଟି
ସମସ୍ୟାଯୁକ୍ତ ଘାସ ମଞ୍ଜି (ସର୍ବାଧିକ)	କି.ଗ୍ରା. ପ୍ରତି ୫ଟି
ମୋଟ ଘାସ ମଞ୍ଜି(ସର୍ବାଧିକ)	କି.ଗ୍ରା. ପ୍ରତି ୨୦ଟି
ରୋଗାକ୍ରାନ୍ତ ଧାନ ବିହନ	୦.୫୦%
ଗଜା ହେବା କ୍ଷମତା (ସର୍ବନିମ୍ନ)	୮୦%
ବାୟୁ ଭେଦ୍ୟ ପାତ୍ର ପାଇଁ ଜଳୀୟ ଅଂଶ (ସର୍ବାଧିକ)	୧୩.୦%
ବାୟୁ ଅଭେଦ୍ୟ ପାତ୍ର ପାଇଁ ଜଳୀୟ ଅଂଶ (ସର୍ବାଧିକ)	୮.୦%
ବିଲଗନ ଦୂରତା	୩ ମିଟର

ପଞ୍ଜିକରଣ ସମୟସୂଚୀ: ଖରିଫ୍ ଋତୁ ପାଇଁ ଅଗଷ୍ଟ ୩୧ ତାରିଖ ଓ ରବି ଋତୁ ପାଇଁ ଫେବୃୟାରୀ ମାସ ୧୫ ତାରିଖ।

ପ୍ରାମାଣିକ ବିହନର ଉତ୍ସ

- ଓଡ଼ିଶା ରାଜ୍ୟ ବିହନ ନିଗମ
- ଜାତୀୟ ବିହନ ନିଗମ
- ବେସରକାରୀ ବିହନ ଉତ୍ପାଦନକାରୀ

ଓଡ଼ିଶା ରାଜ୍ୟରେ ବିହନ ପ୍ରମାଣନ ପ୍ରକ୍ରିୟା ବିଷୟରେ ଅଧିକ ଜାଣିବା ପାଇଁ ଓସୋପ୍କା ୱେବ୍‌ସାଇଟ୍ (ossopca.nic.in) ଦେଖିପାରନ୍ତି।

୬. ଧାନ ଫସଲରେ ସମନ୍ୱିତ ରୋଗପୋକ ପରିଚାଳନା

କାର୍ଯ୍ୟ	ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି
ବିହନ	ଧାନର ମୁଖ୍ୟ ରୋଗପୋକ ପ୍ରତି ପ୍ରତିରୋଧ / ସହନଶୀଳ କ୍ଷମତା ଥିବା ସୁସ୍ଥ ଓ ରୋଗମୁକ୍ତ ବିହନ ଚୟନ କରନ୍ତୁ।
	ପ୍ରତି କିଲୋଗ୍ରାମ୍ ବିହନ ସହ ୫-୧୦ ଗ୍ରାମ୍ ଟ୍ରାଇକୋଡର୍ମା ଜାତୀୟ ଔଷଧ ବା ୧ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ (ମହିଷା ରୋଗ ଦେଖାଯାଉଥିବା ଅଞ୍ଚଳରେ), ୦.୨୫ ଗ୍ରାମ୍ ଆଗ୍ରିମାଇସିନ୍ (ବୀଜାଣୁଜନିତ ପତ୍ରପୋଡ଼ା ସମସ୍ୟା ଦେଖାଯାଉଥିବା ଅଞ୍ଚଳରେ) ମିଶାଇ ବିହନ ବିଶୋଧନ କରନ୍ତୁ।
ତଳି ପଟାଳି	ଧାନ ତଳି ବିଶୋଧନ: ବୀଜାଣୁଜନିତ ପତ୍ରପୋଡ଼ା ସମସ୍ୟା ଦେଖାଯାଉଥିବା ଅଞ୍ଚଳରେ ପ୍ରତି ଲିଟର ପାଣି ସହିତ ୪ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ ସଲ୍‌ଫେଟ୍ ୯୦% ଓ ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ ୧୦% ଏସ୍.ପି. ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ। ରୋଇବା ପୂର୍ବରୁ ଏହି ଦ୍ରବଣରେ ଧାନ ତଳି ଗୁଡ଼ିକୁ ୧-୨ ଘଣ୍ଟା ଯାଏ ବୁଡ଼ାଇ ରଖନ୍ତୁ।
ମୁଖ୍ୟ ଜମି	• ଧାଡ଼ିକୁ ଧାଡ଼ି ୨୦ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ତଳି ରୁଅନ୍ତୁ।

	• ପ୍ରତି ୨ ମିଟର ବା ୧୦ ଧାଡ଼ି ପରେ ୩୦ ସେ.ମି. ଖାଲି ସ୍ଥାନ ରଖନ୍ତୁ। • ପ୍ରାକୃତିକ ଶତ୍ରୁମାନଙ୍କୁ ସଂରକ୍ଷଣ କରିବା ପାଇଁ ହିଡ଼ରେ ପରିବେଶ ଅନୁକୂଳ ଫସଲ ରକ୍ଷା କରନ୍ତୁ। • ରୋଇବାର ୩-୫ ଦିନ ମଧ୍ୟରେ ହେକ୍ଟର ପିଛା ୧.୫-୧.୮୭୫ ଲିଟର ପ୍ରିଟିଲାକ୍ଲୋର୍ ୩୦.୭% ଇ.ସି. ଘାସମରା ଔଷଧକୁ ଜମିରେ ପ୍ରୟୋଗ କରନ୍ତୁ। • ସଅଳ କିସମ ପାଇଁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। • ବିଳମ୍ବ କିସମ ପାଇଁ ହେକ୍ଟର ପ୍ରତି ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ। • ରୋଇବାର ୧୫ ଦିନ ପରଠାରୁ ପ୍ରତି ସପ୍ତାହ ବ୍ୟବଧାନରେ କିଆରୀରେ ବୁଲି ରୋଗପୋକ ଆକ୍ରମଣ ନିରୀକ୍ଷଣ କରନ୍ତୁ। • ରୋଇବାର ୨୦ ରୁ ୩୦ ଦିନ ମଧ୍ୟରେ ବୀଜାଣୁଜନିତ ପତ୍ର ପୋଡ଼ା ରୋଗ ଦେଖାଗଲେ ପରବର୍ତ୍ତୀ ଦଫା ଯବକ୍ଷାରଜାନ ସାରକୁ ଡେରିରେ ପ୍ରୟୋଗ କରନ୍ତୁ। • ରୋଇବାର ୧୫ ଦିନ ପରେ କାଣ୍ଡବିନ୍ଧା ପୋକର ଉପସ୍ଥିତି ଜାଣିବା ପାଇଁ ହେକ୍ଟର ପ୍ରତି ୮ଟି ଫେରୋମୋନ୍ ଟ୍ରାପ୍ (ଯନ୍ତା) ବ୍ୟବହାର କରି ଏଥିରେ ୫ ମିଲିଗ୍ରାମ୍ ଲିଓର୍ ରଖନ୍ତୁ। ଫେରୋମୋନ୍ ଟ୍ରାପ୍ ରଖିବାବେଳେ ଦେଖିବା କଥା, ଯେପରି ଏହା ଗଛ ଠାରୁ ଅଧିକ ଉଚ୍ଚତାରେ ରହିବ। • ରୋଇବାର ୨୧ ଦିନ ପରେ ଏକର ପ୍ରତି ୨-୩ ଟି ଟ୍ରାଇକୋକାର୍ଡ ବ୍ୟବହାର କରନ୍ତୁ ଏବଂ ଫୁଲ ହେବା ପର୍ଯ୍ୟନ୍ତ ପ୍ରତି ୧୫ ଦିନରେ ଥରେ ପୁନଃ ବ୍ୟବହାର କରନ୍ତୁ।
ରୋଇବାର ୩୦- ୫୯ ଦିନ ପରେ	• ପ୍ରତି ଲିଟର ପାଣି ସହିତ ୦.୪ ମି.ଲି. ଗଜା ପର ଘାସମରା ଔଷଧ ଯଥା ବିସ୍‌ପାଇରିବାକ୍ ସୋଡ଼ିୟମ୍ ୧୦% ଏସ୍.ସି. ମିଶାଇ ଜମିରେ ପ୍ରୟୋଗ କରନ୍ତୁ।

	• ହିଡ଼ ଉପରେ ନଜର ପକାନ୍ତୁ। ଯଦି ଘାସରେ ଆଚ୍ଛାଦପୋଡ଼ା ରୋଗ ଦେଖାଯାଏ, ତେବେ ପ୍ରତି ଲିଟର ପାଣି ସହିତ ୨ମି.ଲି. ହେକ୍‌ସାକୋନାଜୋଲ୍ ୫% ଇ.ସି. ମିଶାଇ ସିଞ୍ଚନ କରନ୍ତୁ। ଲିଫ୍ କଲର୍ ଚାର୍ଟ ବ୍ୟବହାର କରି ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। • ଋତୁର ମଧ୍ୟବର୍ତ୍ତୀ ସମୟରେ ଜଳ ନିଷ୍କାସନ କରନ୍ତୁ।
ରୋଇବାର ୬୦-୯୦ ଦିନ ପରେ ରୋଇବାର ୯୦ ରୁ ଅଧିକ ଦିନ ପରେ	• ରୋଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୬୦୦ ଗ୍ରାମ୍ କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. ସିଞ୍ଚନ କରନ୍ତୁ। (କାଣ୍ଡ ବିନ୍ଧା ପୋକ ବା ପତ୍ରମୋଡ଼ା ପୋକ ଆକ୍ରମଣ ଆର୍ଥିକ ଦେହଳୀ ସୀମା ଅତିକ୍ରମ କରିଥିଲେ)। ଏହା ବଦଳରେ ରାନାକ୍‌ସିପାଇର୍ ମଧ୍ୟ ସିଞ୍ଚନ କରାଯାଇପାରେ। • ମାଟିଆଗୁଣ୍ଡି ପୋକ ଆକ୍ରମଣ ଦେଖାଗଲେ କିଆରୀରୁ ଜଳ ନିଷ୍କାସନ କରନ୍ତୁ। ଏହି ଅଞ୍ଚଳରେ ସାଆରା ରୋଗ ବା ଶସ୍ୟ ବିବର୍ଣ୍ଣ ହେବା ରୋଗର ଆଶଙ୍କା ଥିଲେ ପିଲ ବାହାରିବା ସମୟରେ ଏବଂ ଫୁଲ ହେବାବେଳେ ଆବଶ୍ୟକତା ଅନୁସାରେ ପ୍ରତିଷେଧକ ଭାବେ ଲିଟର ପ୍ରତି ୧ମି.ଲି. ହେକ୍ସାକୋନାଜୋଲ୍ ୫% ଇ.ସି. କିମ୍ବା ୨ ଗ୍ରାମ୍ କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. ଔଷଧ ପ୍ରୟୋଗ କରନ୍ତୁ।